ହରଜିନ୍ଦର ସିଂ ସୋଧି

ବନାମ

ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ

ସେପ୍ଟେମ୍ବର 23, 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ ]

*ସେବା ଆଇନ :*

*ପଞ୍ଜାବ ସିଭିଲ୍ ସେବା କାର୍ଯ୍ୟ ନିର୍ବାହୀ ଶାଖା – ଚୟନ – ଲୋକ ସେବା ଆୟୋଗ ଏବଂ ସରକାର କୀର୍ତ୍ତିମାନ ପାଇଁ 50% ମାର୍କ ଏବଂ ସାକ୍ଷାତକାର ପାଇଁ 50%ର ନୀତି ପ୍ରୟୋଗ କରିଛନ୍ତି – ଦର୍ଶାଯାଇଛି :ଯେହେତୁ ପ୍ରାର୍ଥୀଙ୍କ ଦାବିର ବିଚାର ପାଇଁ କୌଣସି ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇନଥିଲା, ତେଣୁ ଗ୍ରହଣ କରାଯାଇଥିବା ନୀତି ସ୍ୱେଚ୍ଛାଚାରୀ ନୁହେଁ – ସରକାର ପରବର୍ତ୍ତୀ ପଦବୀ ପାଇଁ ଚୟନ ପାଇଁ ମାମଲା ଉପରେ ଯଥାର୍ଥ ଭାବେ ବିଚାର କରିନଥିଲେ ଯାହା ପରବର୍ତ୍ତୀ ସମୟରେ ଯୋଗ୍ୟତା ହାସଲ କରିଥିବା ପ୍ରାର୍ଥୀଙ୍କୁ ପ୍ରଭାବିତ କରିବ ।*

ଦେୱାନୀ ଅପିଲ ଅଧିକାରିତା : ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 14737/1996 ।

ସି. ଡବ୍ଲ୍ୟୁ. ପି. ସଂଖ୍ୟା 4882/1995 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 29.1.96 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଅରବିନ୍ଦ କୁ. ଶୁକ୍ଳା ଏବଂ ଇରଶାଦ ଅହମ୍ମଦ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ଡବ୍ଲ୍ୟୁ. ପି. ସଂଖ୍ୟା 4882/95ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ଖଣ୍ଡପୀଠ ଦ୍ୱାରା କରାଯାଇଥିବା 29 ଜାନୁଆରୀ, 1996 ତାରିଖର ଆଦେଶ ବିରୁଦ୍ଧରେ ଦାଖଲ କରାଯାଇଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, 1994 ମସିହା ନଭେମ୍ବର 25 ତାରିଖରେ ଏହି ନ୍ୟାୟାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ଆବେଦନକାରୀଙ୍କ ମାମଲା ଉପରେ ବିଚାର କରାଯାଇଥିଲା, କିନ୍ତୁ ତାଙ୍କୁ ପଞ୍ଜାବ ଲୋକସେବା ଆୟୋଗ ଦ୍ୱାରା ପଞ୍ଜାବ ସିଭିଲ ସେବାର କାର୍ଯ୍ୟ ନିର୍ବାହୀ ଶାଖାକୁ ଚୟନ କରାଯାଇ ନଥିଲା । ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ତିନୋଟି ଯୁକ୍ତି ଉଠାଯାଇଛି, ପ୍ରଥମତଃ, ଯେତେବେଳେ ଏହି ନ୍ୟାୟାଳୟ ଅନ୍ୟମାନଙ୍କ ତୁଳନାରେ ଆବେଦନକାରୀଙ୍କ ମାମଲା ଉପରେ ବିଚାର କରିବାକୁ ନିର୍ଦ୍ଦେଶ

ଦେଇଥିଲେ, ଲୋକ ସେବା ଆୟୋଗ ସମ୍ପୃକ୍ତ ଯୋଗ୍ୟତାର ମୂଲ୍ୟାଙ୍କନ କରିବା ଉଚିତ ଥିଲା ଏବଂ ଆବେଦନକାରୀ ସେହି ବ୍ୟକ୍ତିଙ୍କ ଠାରୁ ଅଧିକ ଯୋଗ୍ୟ କି ନାହିଁ ତାହା ଜାଣିବା ଉଚିତ ଥିଲା କିନ୍ତୁ ତାହା କରାଯାଇ ନଥିଲା । ଯୁକ୍ତିରେ ଆମେ କୌଣସି ଦୃଢତା ପାଉନାହୁଁ । ଲୋକ ସେବା ଆୟୋଗଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ଏକ ପାଲଟା ସତ୍ୟପାଠ ଦାଖଲ କରାଯାଇଛି ଯେଉଁଥିରେ ଏହା ଦର୍ଶାଯାଇଛି ଯେ, ଆବେଦନକାରୀଙ୍କ ତୁଳନାରେ ଦ୍ୱାଦଶ ଉତ୍ତରଦାତାଙ୍କ ପ୍ରାସଙ୍ଗିକ ଯୋଗ୍ୟତା ବିଚାର କରାଯାଇଥିଲା ଏବଂ ସେ ଅଧିକ ଯୋଗ୍ୟ ବୋଲି ଜଣାପଡ଼ିଥିଲା । ଦ୍ୱିତୀୟ ଯୁକ୍ତି ଥିଲା ଯେ, ଲୋକ ସେବା ଆୟୋଗ ତାଙ୍କୁ ଯୋଗ୍ୟ ବୋଲି ଦର୍ଶାଇ ସରକାରଙ୍କୁ ଏକ ଅତିରିକ୍ତ ଖାଲି ପଦବୀ ଅଛି କି ନାହିଁ ତାହା ଜାଣିବାକୁ ଆହ୍ୱାନ କରିଥିଲେ ଯାହା ଦର୍ଶାଇବ ଯେ, ଆବେଦନକାରୀ ଅଧିକ ଯୋଗ୍ୟ ଥିଲେ । ସେଠାରେ ଏକ ଅତିରିକ୍ତ ପଦବୀ ଖାଲି ଥିଲା କିନ୍ତୁ ସରକାର ଏହି ପଦବୀ ଉପଲବ୍ଧ ନାହିଁ ବୋଲି ମିଥ୍ୟା ବିବୃତି ଦେଇଥିଲେ । ଯୁକ୍ତିରେ ଆମେ କୌଣସି ଦୃଢତା ପାଉନାହୁଁ । ସ୍ୱୀକାରଯୋଗ୍ୟ, 1991 ରେ ଉପଲବ୍ଧ ପଦବୀରେ ଚୟନ ପାଇଁ ଅନୁରୋଧ କରାଯିବା ପରେ, 1991 ରେ ନଅଟି ପଦବୀରେ ନିଯୁକ୍ତି ପାଇଁ ପ୍ରାର୍ଥୀଙ୍କ ମଧ୍ୟରେ କେବଳ ଯୋଗ୍ୟତା ବିଚାର କରିବାକୁ ପଡ଼ିବ । ତେଣୁ ସରକାର ପରବର୍ତ୍ତୀ ପଦବୀ ପାଇଁ ଚୟନର ମାମଲା ଉପରେ ଯଥାର୍ଥ ଭାବରେ ବିଚାର କରିନଥିଲେ ଯାହା ପରବର୍ତ୍ତୀ ସମୟରେ ଯୋଗ୍ୟତା ହାସଲ କରିଥିବା ପ୍ରାର୍ଥୀଙ୍କୁ ପ୍ରଭାବିତ କରିବ । ଏହା ପରେ ଯୁକ୍ତି କରାଯାଇଥିଲା ଯେ, ସାକ୍ଷାତକାର ପାଇଁ 50% ମାର୍କ ନିର୍ଦ୍ଧାରଣ କରାଯାଇଥିଲା ଏବଂ କୀର୍ତ୍ତିମାନ ପାଇଁ 50% ମାର୍କ ନିର୍ଦ୍ଧାରଣ କରାଯାଇଥିଲା । ଏହି ନ୍ୟାୟାଳୟ ଦ୍ୱାରା ନିର୍ଦ୍ଧାରିତ ଆଇନକୁ ଦୃଷ୍ଟିରେ ରଖି ସାକ୍ଷାତକାର ପାଇଁ 50% ନିର୍ଦ୍ଧାରଣ ସ୍ୱେଚ୍ଛାଚାରୀ ଅଟେ । ଯୁକ୍ତିରେ ଆମେ କୌଣସି ଦୃଢତା ପାଉନାହୁଁ । ପକ୍ଷମାନଙ୍କ ଦାବିର ବିଚାର ପାଇଁ କୌଣସି ଲିଖିତ ପରୀକ୍ଷା କରାଯାଇଥିବାର ଏହା ଏକ ମାମଲା ନୁହେଁ । ତଦନୁସାରେ, ଲୋକସେବା ଆୟୋଗ ଏବଂ ସରକାର ନଥି ପାଇଁ 50% ଏବଂ ସାକ୍ଷାତକାର ପାଇଁ 50% ମାର୍କ ରଖିବାର ନୀତି ପ୍ରୟୋଗ କରିଛନ୍ତି । ସେହି ପରିସ୍ଥିତିରେ, ଆମେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶରେ କୌଣସି ବେଆଇନତା ପାଇନାହୁଁ ।

ସେହି ଅନୁଯାୟୀ ଏସ୍ ଏଲ୍ ପିକୁ ଖାରଜ କରାଗଲା ।

ଜି. ଏନ୍. ଆବେଦନ ଖାରଜ କରାଗଲା ।

## <u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ